# ଡ଼ି·ଆର୍·ଆର୍· ଧାନ - ୪୫ : ଏକ ଜିଙ୍କ୍‌ଯୁକ୍ତ ଧାନ କିସମ

ମୋର ୦.୨୦ ଏକରର ମଧ୍ୟମ ଧରଣର ଜମି ଅଛି ଯେଉଁଠି ମୁଁ ସାଧାରଣତଃ ଧାନ ଗୃଷ କରେ । ଏହା ସହ ଅନ୍ୟ ଲୋକମାନଙ୍କର ଗୃଷ ଜମିରେ ମଜୁରୀ ଲାଗି ମୋ ପରିବାର ଭରଣପୋଷଣ କରିଥାଏ । ଥରେ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନର ଲାନ୍‌ସା ପ୍ରକଳ୍ପର କର୍ମଚାରୀମାନେ ବାଲିଆ ଗ୍ରାମରେ ଜଣେ ଗୃଷୀ ନୂତନ କିସମର ଧାନ ଗୃଷ କରିଥିବା କଥା କହିଲେ ଏବଂ ସେହି ଜମିକୁ ମାର୍ଚ୍ଚ ୨୦୧୭ ମସିହାରେ କ୍ଷେତ୍ର ପରିଦର୍ଶନର ଆୟୋଜନ କରିଥିଲେ ।

ଅନ୍ୟକାର୍ଯ୍ୟରେ ବ୍ୟସ୍ତ ଥିବାରୁ ମୁଁ ସେହି କ୍ଷେତ୍ର ପରିଦର୍ଶନରେ ଯାଇ ପାରିଲିନାହିଁ କିନ୍ତୁ ସେହି ଦିନ ସନ୍ଧ୍ୟାରେ କ୍ଷେତ୍ର ପରିଦର୍ଶନରେ ଯାଇଥିବା ଆମ ଗ୍ରାମର କିଛି ଚାଷୀଭାଇମାନଙ୍କଠାରୁ ଜାଣିବାକୁ ପାଇଲି ଯେ, ସେହି ଧାନରେ ଅଧିକ ଜିଙ୍କ୍ ରହିଛି, ଏହାର ଅମଳ ଅବଧି ୧୧୦–୧୧୫ ଦିନ ଓ ଏହା ପ୍ରଥମଥର ପାଇଁ ଓଡ଼ିଶାରେ ଗୃଷ କରାଯାଇଛି । ଯେହେତୁ ମୋର ମଧ୍ୟମ ଧରଣର ଜମି ଯେଉଁଠାରେ କି ବଡ଼ଧାନ ପାଇଁ ଜଳର ସମସ୍ୟା ରହୁଛି, ସେଥିପାଇଁ ମୁଁ ଏହି ଡି.ଆର୍.ଆର୍ ଧାନ–୪୫ କିସମକୁ ଗୃଷ କରିବା ପାଇଁ ଆଗ୍ରହ ପ୍ରକାଶ କଲି ।



ଲାନ୍‌ସା ପ୍ରକଳ୍ପର କର୍ମଗୃରୀମାନଙ୍କ ପରାମର୍ଶ କ୍ରମେ, ୨୦୧୭ ଖରିଫ ଋତୁରେ ତଳି ଘେରା ପ୍ରସ୍ତୁତ କରି ଧାଡ଼ିରେ ରୋପା କରିଥିଲି । ଏଭଳି ଧାଡ଼ି ରୋପା ଫଳରେ ଜମିରେ ଘାସର ପରିମାଣ କମ୍ ହେଲା ଓ ଘାସ ବାଛିବା ମଧ୍ୟ ସହଜ ହେଲା । ଅନୁମୋଦିଦ ଖତ ଓ ସାର ପ୍ରୟୋଗ ସହ ସଠିକ୍ ଜଳ ପରିଚାଳନା କଲି । ଥରେ ଏଥିରେ କଳା କଳା ଗୁଣ୍ଡିପୋକ ଲାଗିଥିଲା । ପ୍ରକଳ୍ପ କର୍ମଚାରୀମାନଙ୍କ ପରାମର୍ଶ କ୍ରମେ କୀଟନାଶକ ପ୍ରୟୋଗ ଫଳରେ ଏହା ଗୁଣ୍ଡିପୋକ କବଳରୁ ରକ୍ଷା ପାଇପାରିଲା । ୨୦୧୬ ମସିହାରେ ସେହି ଜମିରେ କରିଥିବା ୧୦୦୧ କିସମ ଧାନ ତୁଳନାରେ, ଏହି ଡି.ଆର୍.ଆର୍ ଧାନ–୪୫ କିସମର ଗଛର ଉଚ୍ଚତା ଅଧିକ, ଶସ୍ୟ ଦେଖିବାକୁ ଲମ୍ବା, ସରୁ ଏବଂ ଓଜନିଆ । ୨୦୧୬ ଖରିଫ୍‌ରେ ସେହି ୦.୨୦ ଏକର ଜମିରୁ ୧୦୦୧ କିସମ ଧାନ ଗୃଷ କରି ୨.୫ କ୍ୱିଣ୍ଟାଲ ଅମଳ ପାଇଥିବା ବେଳେ, ୨୦୧୭ ଖରିଫ୍‌ରେ ଏହି ଜିଙ୍କ୍ ଯୁକ୍ତ ଧାନ କିସମ କରି ସେଥିରୁ ୫ କ୍ୱିଣ୍ଟାଲ ଅମଳ ପାଇପାରିଛି । ସେମାନେ ଏହି ଧାନ କିସମ ଅଧିକ ଜିଙ୍କ୍ ଯୁକ୍ତ ଓ ଏହା ଆମ ଶରୀର ପାଇଁ ଭଲ ବୋଲି କହିବା ସହିତ ଏହାକୁ ବିକ୍ରି ନକରି ଘରେ ଖାଇବାକୁ ପରାମର୍ଶ ଦେଇଥିଲେ । ଘରର ସଉଦା ପାଇଁ ଏଥିରୁ ମାତ୍ର ୫୦ କି.ଗ୍ରା. ଧାନ ବିକ୍ରି କରି, ୧୦ କି.ଗ୍ରା. ବିହନ ପାଇଁ ରଖି, ବଳକା ୪୪୦ କି.ଗ୍ରା. ଘରର ଖାଇବା ପାଇଁ ସାଇତି ରଖିଛି ।



**ନାମ : ଘନ ମୁଣ୍ଡାଗଡ଼ିଆ**
ଗ୍ରାମ : ରାଉଳିଗୁଡ଼ା,
ପଞ୍ଚାୟତ ସମିତି : ବୈପାରିଗୁଡ଼ା, ଜିଲ୍ଲା : କୋରାପୁଟ
ବୟସ : ୨୮ ବର୍ଷ
ଜାତି : ଗାଦବା (ଆଦିବାସୀ)
ବୃତ୍ତି : କୃଷି (୦.୬ ଏକର)
ପରିବାର ସଂଖ୍ୟା : ୩ (୨ ବୟସ୍କ, ୧ ଶିଶୁ)

ଲେଖା ଓ ପ୍ରସ୍ତୁତି: **ନରେଶ ଚନ୍ଦ୍ର ପାତ୍ର,**
ବୈଷୟିକ ସହାୟକ,
ଏଫ୍.ଏସ୍.ଏନ୍. ଅଧ୍ୟୟନ, ଲାନ୍‌ସା

LANSA Leveraging Agriculture for Nutrition in South Asia
MSSRF Science for Sustainable Development